॥ ଓ୩ମ୍ ॥

ପ୍ରାଚୀନ ଭାରତୀୟ ବିଦ୍ୟାସଭା ଗୁରୁକୁଳ ଆଶ୍ରମ ପରିଚାଳନା ସମିତି (ପଂଜୀକୃତ) ଦ୍ୱାରା ସଞ୍ଚାଳିତ

# ମହାବିଦ୍ୟାଳୟ ଗୁରୁକୁଳ ଆଶ୍ରମ ଆମସେନା ତଥା
# ଆଦର୍ଶ କନ୍ୟା ଗୁରୁକୁଳ ଆଶ୍ରମ ଆମସେନା

## ପ୍ରବେଶ ନିୟମାବଳୀ






ଗୁରୁକୁଳ ଆଶ୍ରମ ଆମସେନା

ଆଦର୍ଶ କନ୍ୟା ଗୁରୁକୁଳ ଆମସେନା

ଗୁରୁକୁଳ ଆମସେନା ସ୍ୱଳ୍ପସମୟ ମଧ୍ୟରେ ହିଁ ସ୍ୱକୀୟ ବିଶେଷତ୍ୱ କାରଣରୁ ଦେଶ ତଥା ବିଦେଶରେ ଆଶା ଆକାଂକ୍ଷାର କେନ୍ଦ୍ର ପାଲଟି ଯାଇଛି ।

**ଗୁରୁକୁଳ ଆଶ୍ରମ ଆମସେନା**

**ଖରିଆର୍ ରୋଡ଼୍ ଜି. ନୂଆପଡ଼ା (ଓଡ଼ିଶା) ୭୬୬୧୦୪**

**ସଂପର୍କ ସୂତ୍ର-** ୯୪୩୭୦୭୦୬୧୫, ୮୨୮୦୨୮୩୦୩୪, ୭୮୭୩୧୧୧୨୧୩

www.Vedicgurukulamsena.com, **Email**- gurukulamsena11@gmail.com

## ଗୁରୁକୁଳର ସଦୁଦ୍ଦେଶ୍ୟ

- ପ୍ରାଚୀନ ଆଶ୍ରମ ପ୍ରଣାଳୀରେ ବେଦ ଶାସ୍ତ୍ରର ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଛାତ୍ରମାନଙ୍କୁ ଚରିତ୍ରବାନ୍‌ରୂପେ ଗଠନ କରି ସେମାନଙ୍କ ହୃଦ୍‌ଦେଶରେ ଏପରି ଭାବନା ଦିଆଯାଏ ଯଦ୍ୱାରା ସେମାନେ ଦେଶ, ଧର୍ମ ତଥା ଆର୍ଯ୍ୟ ସମାଜ ନିମିତ୍ତ ନିଜର ଜୀବନଙ୍କୁ ମଧ୍ୟ ଅର୍ପଣ କରି ଦେଇପାରିବେ ।
- ଛାତ୍ରମାନଙ୍କର ଆତ୍ମିକ, ବୌଦ୍ଧିକ ତଥା ଶାରୀରିକ ବିକାଶ ଯେପରି ହେବ ସେହିପରି ପ୍ରତ୍ୟେକ କାର୍ଯ୍ୟର କ୍ରିୟାତ୍ମକ ଶିକ୍ଷାପ୍ରଦାନ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ।
- ବୈଦିକ ଧର୍ମନିମିତ୍ତ ଆଦର୍ଶ ଅଧ୍ୟାପକ, ଉପଦେଶକ, ତ୍ୟାଗୀ, ତପସ୍ୱୀ, କର୍ମଠ ବିଦ୍ୱାନ୍ ତଥା ଯୋଗ୍ୟ ନାଗରିକ ନିର୍ମାଣ କରିବା । ଅଶିକ୍ଷିତ ଆଦିବାସୀବହୁଳ କ୍ଷେତ୍ରରେ ଭାରତୀୟ ସଂସ୍କୃତିର ସୁରକ୍ଷା ତଥା ପ୍ରଗ୍ରର ପ୍ରସାର କରିବା । ପ୍ରାଚୀନ ବୈଦିକ ଶାସ୍ତ୍ର ତଥା ସାହିତ୍ୟ ପ୍ରକାଶନ କରିବା ।
- ଆର୍ଯ୍ୟବୀର ଦଳ, ଆର୍ଯ୍ୟ ବୀରାଙ୍ଗନା, କ୍ରିୟାତ୍ମକ ଯୋଗ, ହୋମିଓ ପାଥିକ ଚିକିତ୍ସା ଶିବିର ପ୍ରଭୃତି ମାଧ୍ୟମରେ ଭାରତୀୟ ସଂସ୍କୃତିର ସୁରକ୍ଷା କରିବା ତଥା ଯୋଗ୍ୟ ଯୁବକ ନିର୍ମାଣ କରିବା ।
- ଏଠାକାର ଶିକ୍ଷା ଅଳ୍ପକାଳ ମଧ୍ୟରେ ବିଦ୍ୱାନ୍‌ରେ ପରିଣତ କରିଦିଏ । ବର୍ତ୍ତମାନ ଭାରତରେ ଅନେକାନେକ ଗୁରୁକୁଳ ପ୍ରଚଳିତ ସେଗୁଡ଼ିକ ହେଉଛି ଋଷି ମୁନିମାନଙ୍କର ସଂସ୍କୃତିର ସୁରକ୍ଷକ ।
- ବିଦ୍ୟାର୍ଥୀମାନଙ୍କୁ ବିଦ୍ୟାଳୟରେ ପ୍ରଚଳିତ ପାଠ୍ୟକ୍ରମ ସହିତ ପୁଣି ସେମାନଙ୍କୁ ବେଦ, ଉପନିଷଦ୍, ଦର୍ଶନ, ଗୀତା, ପାଣିନୀୟ ଅଷ୍ଟାଧ୍ୟାୟୀ, ନୀତିଶତକ, ବୈରାଗ୍ୟଶତକ, ଚାଣକ୍ୟ ନୀତି, ବିଦୁର ନୀତି ପ୍ରଭୃତି ଅନେକ ପ୍ରାଚୀନ ଗ୍ରନ୍ଥଗୁଡ଼ିକୁ କଣ୍ଠସ୍ଥ ମଧ୍ୟ କରିଥାନ୍ତି ତାସହିତ ସେଗୁଡ଼ିକୁ ଗଭୀରଭାବେ ଅଧ୍ୟୟନମଧ୍ୟ କରିଥାଆନ୍ତି ।
- ଏହାଦ୍ୱାରା ସେମାନଙ୍କ ବ୍ୟକ୍ତିତ୍ୱରେ ଆଧୁନିକତାର ସହିତ ପ୍ରାଚୀନ ବିଦ୍ୟାର ମଧ୍ୟ ଏକ ମହତ୍ୱପୂର୍ଣ୍ଣ ଭୂମିକା ଯୋଡ଼ି ହୋଇଯାଏ । ଜୀବନସାରା ନିଜ ସାଥିରେ ରହୁଥିବା ସେହି ଉପଲବ୍ଧି ତାକୁ ଅନ୍ୟାନ୍ୟ ବିଦ୍ୟାର୍ଥୀ ମାନଙ୍କଠାରୁ ଭିନ୍ନରୂପେ ଗଠନ କରିଥାଏ ।
- ତାକୁ ସ୍ୱକୀୟ ସଂସ୍କୃତି ତଥା ସଭ୍ୟତାର ଉତ୍ତମ ଜ୍ଞାନ ଉପଲବ୍ଧି ହୋଇଯାଏ । ଯାଫଳରେ ସେ ଏଠାରେ ପଢ଼ି ଯିବାପରେ ମଧ୍ୟ ନିଜ ନିଜ କାର୍ଯ୍ୟ କ୍ଷେତ୍ରରେ ସେ ଉତ୍ତମ ବ୍ୟକ୍ତିରୂପେ ପରିଗଣିତ ହୋଇଥାଏ ।

## ତେବେ ଗୁରୁକୁଳ କଅଣ ?

- ଗୁରୁକୁଳ ଆମସେନା ଭାରତୀୟ ସଂସ୍କୃତି ତଥା ଆର୍ଷବିଦ୍ୟାର ସଙ୍ଗମସ୍ଥଳୀ ଅଟେ ।
- ଗୁରୁକୁଳ ଆମସେନା ହେଉଛି ଜ୍ଞାନ ଓ ବ୍ରହ୍ମଚର୍ଯ୍ୟର ତପସ୍ଥଳୀ ।
- ଗୁରୁକୁଳ ଆମସେନା ଶାରୀରିକ, ମାନସିକ ତଥା ଆତ୍ମିକ ବିକାଶର ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କର ସାଧନାଭୂମି ଅଟେ ।
- ଋଷି ପରମ୍ପରାର ଆଧାରସ୍ଥଳୀ ଅଟେ ।
- ଯେଉଁଠାରେ ବିଦ୍ୟାର୍ଥୀ ଆଶ୍ରମରେ ଗୁରୁଙ୍କ ସାନ୍ନିଧ୍ୟରେ ରହି ବିଦ୍ୟା ଅଧ୍ୟୟନ କରୁଥିଲେ । ଏହାର ନାମ ହେଉଛି ଗୁରୁକୁଳ ।

**ଶୁଳ୍କ ବ୍ୟବସ୍ଥା**

| | | |
|---|---|---|
| ପ୍ରବେଶ ଆବେଦନ ଶୁଳ୍କ- | 50 | |
| ପ୍ରବେଶ ଶୁଳ୍କ - | 1000 | |
| କଂପ୍ୟୁଟର ଶୁଳ୍କ - | 1000 | |
| କପଡା ଓ ପୁସ୍ତକ - | 2500 | |
| ପରୀକ୍ଷା ଶୁଳ୍କ- | 1000 | |
| ମାସିକ ଶୁଳ୍କ ଭୋଜନର- | 1000 X 6 | ଟ୧୦୦୦ ଏହିପରି ଟ୧୦୦୦X୬ ମାସର ଜମାଦେବେ. |
| ଅନ୍ୟ ଖର୍ଚ୍ଚ- | 1000 | |
| ମ୍ୟୁଜିକ୍ | 200 | |

ମୋଟ ଶୁଳ୍କ ଟ୧୨୭୫୦. ଙ୍କା ପ୍ରବେଶ ସମୟରେ ଜମା କରିବାକୁ ହେବ ।

## ଶୈକ୍ଷଣିକ ବ୍ୟବସ୍ଥା

୬ଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ପୁରୀ ଦ୍ୱାରା ମାନ୍ୟତା ପ୍ରାପ୍ତ (NCERT) ପୁସ୍ତକ ଗୁଡ଼ିକ ଓ ସଂସ୍କୃତ । ଏବଂ ନବମ ଶ୍ରେଣୀରୁ M.A (ଆଚାର୍ଯ୍ୟ) ପର୍ଯ୍ୟନ୍ତ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ ରୋହତକରୁ ମାନ୍ୟତା ପ୍ରାପ୍ତ ।

## ଅଭିଭାବକଙ୍କପାଇଁ ଆବଶ୍ୟକ ନିର୍ଦ୍ଦେଶ

୧. ଅଧ୍ୟୟନ କରୁଥିବା ପର୍ଯ୍ୟନ୍ତ ନିଜ ନିଜ ପୁତ୍ର ପୁତ୍ରୀଙ୍କୁ କେହି ମୋବାଇଲ୍ ଦେବେ ନାହିଁ ।

୨. ଆଶ୍ରମରେ ନିଶାଦ୍ରବ୍ୟ ସେବନ ସଂପୂର୍ଣ୍ଣରୂପେ ବର୍ଜିତ ଅଟେ । ଏଣୁ ପ୍ରବେଶ କରିବା ପୂର୍ବରୁ ସୂଚିତ କରିବେ କୌଣସି ପ୍ରକାର ରୋଗଥିଲେ ପ୍ରବେଶ ସମୟରେ ସୂଚିତ କରିବାକୁ ହେବ ।

୩. ଆଶ୍ରମରେ ପ୍ରବେଶ କରାଇବାର ମାସକପରେ ପୁଅଝିଅ ସହିତ ଦେଖାକରି ପାରିବେ । ପୁଣି ମାସର ଅନ୍ତିମ ରବିବାର ଦିନ ହିଁ ପୁଅ ସହିତ ଫୋନ୍‌ରେ କଥାବାର୍ତ୍ତା କରି ପାରିବେ । ସମୟ ଅପରାହ୍ନ ଘ୨ଟିକାରୁ ୪ଟିକା ।

୪. ବିଶେଷ ପରିସ୍ଥିତି ବ୍ୟତୀତ ବର୍ଷ ମଧ୍ୟରେ ଥରେ ମାତ୍ର ୭ ଦିନରୁ ୧୦ଦିନ ପର୍ଯ୍ୟନ୍ତ ଅବକାଶ ଦିଆଯିବ । ଏଠାରେ ଗ୍ରୀଷ୍ମାବକାଶ ଦିଆଯାଏ ନାହିଁ ।

୫. ପ୍ରବେଶ କଲାପରେ ଜମାକରାଯାଇଥିବା ରାଶି ଫେରସ୍ତ କରାଯାଏ ନାହିଁ ।

୬. ଅବକାଶ ନେବାକୁ ହେଲେ ଅନ୍ୟ କାହାରି ସହିତ ପରାମର୍ଶ ନ କରି ପ୍ରଧାନ ସିକ୍ଷକଙ୍କ ସହିତ ହିଁ ପରାମର୍ଶ କରିବାକୁ ହେବ ।

୭. କନ୍ୟାମାନଙ୍କ ସାକ୍ଷାତାଳାପର ସମୟ ହେଉଛି ଶନିବାର ଦିବା ଘ୧୨ ଟିକାରୁ ଘ୫ଟିକା ପର୍ଯ୍ୟନ୍ତ । ଆବେଦନ ଫର୍ମରେ ପ୍ରଦତ୍ତ ଫଟୋ ବ୍ୟକ୍ତିହିଁ କେବଳ ସାକ୍ଷାତାଳାପ କରିପାରିବେ ।

୮. ଛାତ୍ରମାନଙ୍କ ସହିତ ୮୨୮୦୨୮୩୦୩୪ ତଥା ଝିଅମାନଙ୍କ ସହିତ ୯୯୩୭୪୯୮୦୮୪ ନମ୍ବରରେ କଥାବାର୍ତ୍ତା କରିପାରିବେ ।

**ଆବଶ୍ୟକୀୟ ଜିନିଷ** ୧. ୨ଟି ଆଧାର କାର୍ଡ୍‌ର ଫଟୋ କପି । ପୂର୍ବ ଶ୍ରେଣୀର ଲବ୍‌ଧାଙ୍କର ଫଟୋ କପି, ବିଦ୍ୟାର୍ଥୀର ୬ଟି ପାସ୍‌ପୋର୍ଟ ସାଇଜ୍‌ର ଫଟୋ, ଜନ୍ମ ପ୍ରମାଣ ପତ୍ର, ପରିବାରର ଫଟୋ, ରାଶନ୍ କାର୍ଡର ୨ଟି ଫଟୋ କାପି ଓ ପ୍ରମାଣ ପତ୍ର । ୨. ବିସ୍ତର, ଗଦ୍ଦା ଓ ଗୁଦର (ଘୋଡେଇ ହେବା ଓ ବିଛାଇବା) ୧- ବକ୍‌ସ, ବାଲ୍‌ଟି, ଆସନ, ୧ ଥାଳି (କମଣ୍ଡଲୁ) ସେସବୁରେ ନାମଲେଖା ହୋଇଥିବ । ୩. ପାଠ୍ୟ ସାମଗ୍ରୀ- ସ୍କୁଲ୍ ବେଗ୍, ଡ୍ରଇଁ ନୋଟ୍ ବୁକ୍, କଂପାସ୍‌ବକ୍‌ସ, ୬ଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ । ଅନ୍ୟାନ୍ୟ ସାମାନ ସାବୁନ ସର୍ଫ ନେଲ୍ କଟର୍ ତୈଳାଦି ।

# -: ଗୁରୁକୁଳୀୟ ଦିନଚର୍ଯ୍ୟା ଓ ବ୍ୟକ୍ତିତ୍ୱନିର୍ମାଣ :-

ବିଦ୍ୟାର୍ଥୀମାନଙ୍କର ଧ୍ୟାନ ଅଧ୍ୟୟନ ଉପରେ କେନ୍ଦ୍ରିତ କରି ରଖିବା ନିମିତ୍ତ ପ୍ରାଚୀନକାଳରୁ ଭାରତର ଏକ ବିଶେଷ ପରମ୍ପରା ରହିଆସିଛି । ତାହା ହେଉଛି ବିଦ୍ୟା ଅର୍ଜନ କରିବାକୁ ଇଚ୍ଛୁକ ବିଦ୍ୟାର୍ଥୀମାନେ ଦିନଚର୍ଯ୍ୟା ହିସାବରେ ଗୃହମଧ୍ୟରେ ଆବଦ୍ଧ ନରହି ପୃଥକ୍ ହୋଇ ରହିବା ଆବଶ୍ୟକ । ତେଣୁ ବିଦ୍ୟାର୍ଥୀମାନେ ଅଧ୍ୟୟନକାଳରେ ଗୁରୁକୁଳରେ ରହିବାପାଇଁ ଅନିବାର୍ଯ୍ୟ ହୋଇଥିଲା । ସେ ସଭିଙ୍କୁ ଗୁରୁକୁଳକୁ ଯାଇ ଅଧ୍ୟୟନ କରିବାକୁ ପଡୁଥିଲା । ଯେଉଁଠାରେ କି ପ୍ରଭାତ କାଳରୁ ସାୟଂକାଳ ପର୍ଯ୍ୟନ୍ତ ସମସ୍ତଙ୍କୁ ଏକ ପ୍ରକାର ଦିନଚର୍ଯ୍ୟା ପାଳନ କରିବାକୁ ପଡୁଥିଲା । ସେମାନଙ୍କୁ ତପଃପୂର୍ବକ ଶାରୀରିକ ବୌଦ୍ଧିକ ଓ ଆଧ୍ୟାତ୍ମିକ ଏତିନୋଟି କ୍ଷେତ୍ରରେ ଶକ୍ତିଶାଳୀକରି ଗଠନ କରାଯାଉଥିଲା । ଏପରି ଦିନଚର୍ଯ୍ୟାରେ ସେମାନେ ଆବଦ୍ଧ ରହି ବିଦ୍ୟାଭ୍ୟାସ କରୁଥିଲେ । ଏପରିଭାବେ ସେହି ବିଦ୍ୟାର୍ଥୀମାନଙ୍କୁ ଦିଓଟି ଅନିବାର୍ଯ୍ୟଅଭ୍ୟାସକୁ ପାଳନ କରିବାକୁ ପଡୁଥିଲା । ଗୋଟିଏ ହେଉଛି ବିଦ୍ୟାଭ୍ୟାସ ଓ ଅପରଟି ହେଉଛି ବ୍ରତାଭ୍ୟାସ । ବ୍ରତାଭ୍ୟାସର ଅନ୍ତର୍ଗତ ବିଷୟ ହେଉଛି ବିନୟ, ଶୀଳ, ସଂସ୍କାର ତଥା ଧର୍ମାଚରଣ ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରାଯାଉଥିଲା । ବିଦ୍ୟାଭ୍ୟାସକୁ ଆଜି ଆମେ ସ୍କୁଲ୍‌ଶିକ୍ଷା ବ୍ୟବସ୍ଥାରେ ହେଉଥିଲା ଏହା ବିଗୃରିବାକୁ ହେବ । ଯେଉଁଥିରେ କି ବିଷୟଗତ ଅଧ୍ୟୟନ ଉପରେ ଧ୍ୟାନ କେନ୍ଦ୍ରିତ ହୋଇ ରହୁଥିଲା । ପୁଣି ଗୁରୁତ୍ୱପୂର୍ଣ୍ଣ ବିଷୟ ଏହାଥିଲା ଯେ ବ୍ରତ ତଥା ବିଦ୍ୟା ଏ ଉଭୟ କ୍ଷେତ୍ରରେ ବିଦ୍ୟାର୍ଥୀମାନଙ୍କୁ ଉତ୍ତୀର୍ଣ୍ଣ ହେବାକୁ ପଡୁଥିଲା । କୌଣସି ଗୋଟିଏ ବିଷୟରେ ଅପେକ୍ଷିତ ପରିଣାମ ଯଦି ଦେଇପାରୁ ନଥିଲେ ତେବେ ସେ ବିଷୟରେ ବିଦ୍ୟାର୍ଥୀକୁ ପୁଣି ସେହି ଶିକ୍ଷା ପ୍ରଦାନ କରାଯାଉଥିଲା । ଫଳରେ ଅନୁତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଉତ୍ତମ ମନୁଷ୍ୟ ଓ ଉତ୍ତମ ବିଷୟ ବିଶେଷଜ୍ଞ ହୋଇ ସମାଜ ତଥା ଦେଶପାଇଁ ବିଶେଷ ବିଶେଷଜ୍ଞ ହୋଇ ସମାଜ ଓ ରାଷ୍ଟ୍ରନିମିତ୍ତ ହିତକାରୀ ହେଉଥିଲେ । ଯିଏ ନିଜର ଶୈକ୍ଷଣିକ ଅଭିଯୋଗ୍ୟତାଦ୍ୱାରା ଦେଶର କାମକୁ ଆସୁଥିଲେ ତା ସହିତ ଉତ୍ତମ ନାଗରିକ ମଧ୍ୟ ହେଉଥିଲେ । ନିଜର ଉଚ୍ଛୃଙ୍ଖଳତା ହେତୁ ପ୍ରଶାସନ ନିମିତ୍ତ ଚିନ୍ତାର ବିଷୟ ହେଉନଥିଲେ । ନୂତନ ଗୁରୁକୁଳ ପରମ୍ପରାରେ ମଧ୍ୟ ସେହି ଆଦର୍ଶକୁ କାର୍ଯ୍ୟକାରୀ କରିବା ନିମିତ୍ତ ଚେଷ୍ଟା କରାଯାଇଛି । ଦିନଚର୍ଯ୍ୟାର ଏକ ନିର୍ଦ୍ଧାରିତ କ୍ରମ ଏହି ଗୁଣ ଗୁଡ଼ିକର ବିକାଶ ନିମିତ୍ତ ସହଯୋଗ ପ୍ରଦାନ କରିଥାଏ ।

| | | | |
|---|---|---|---|
| **ଘ୪ ଟିକାରୁ** | **୪.୧୫ ପ୍ରାତଃ ଜାଗରଣ ଓ ପ୍ରାର୍ଥନା** | **ଘ୧୨.୩୦ ଟିକାରୁ** | **ଘ୨ଟିକା ଭୋଜନ ଓ ବିଶ୍ରାମ** |
| **ଘ୪.୧୫ ଟିକାର** | **୪.୪୫ ଶୌଚ ଓ ଦନ୍ତଧାବନ** | **ଘ୨ ଟିକାରୁ** | **ଘ୪ ଟିକା ବିଦ୍ୟାଳୟ** |
| **ଘ୪.୪୫ ଟିକାର** | **୫.୩୦ ସ୍ୱାଧ୍ୟାୟ** | **ଘ୪ ଟିକାରୁ** | **ଘ୪.୩୦ ଶାରୀରିକ ପରିଶ୍ରମ** |
| **ଘ୫.୩୦ ଟିକାରୁ** | **ବ୍ୟାୟାମ** | **ଘ୫.୩୦ ଟିକାରୁ** | **ଘ୬.୧୫ ବ୍ୟାୟାମ** |
| **ଘ୬ ଟିକାରୁ** | **ଘ୬.୩୦ ପରିବେଶ ଶୁଦ୍ଧି ଓ ଶାରୀରିକ ଶ୍ରମ** | **ଘ୬.୪୫ ଟିକାରୁ** | **ଘ୬.୪୫ ସ୍ନାନ** |
| **ଘ୬ ଟିକାରୁ** | **୭ ସ୍ନାନ** | **ଘ୬.୪୫ ଟିକାରୁ** | **ଘ୭.୩୦ ବ୍ରହ୍ମଯଜ୍ଞ ଓ ସ୍ୱାଧ୍ୟାୟ** |
| **ଘ୭ ଟିକାରୁ** | **ଘ୮ଟିକା ବ୍ରହ୍ମଯଜ୍ଞାଦି** | **ଘ୭.୩୦ ଟିକାରୁ** | **ଘ୮ ଟିକା ଭୋଜନ** |
| **ଘ୮ଟିକାରୁ** | **୮.୩୦ ପ୍ରାତଃରାଶ** | **ଘ୮ଟିକାରୁ** | **୮.୧୫ ଭ୍ରମଣ** |
| **ଘ୮.୩୦ଟିକାରୁ** | **ଘ୧୨.୩୦ ବିଦ୍ୟାଳୟ** | **ଘ୮.୧୫ ଟିକାରୁ** | **ଘ୯ ସ୍ୱାଧ୍ୟାୟ** |
| | | **ଘ୯ଟିକାରୁ** | **ଘ୪ଟିକା ଶୟନ** |

ଏହି ନିୟମିତ ଦିନଚର୍ଯ୍ୟା ବ୍ରହ୍ମଚାରୀମାନଙ୍କ ହୃଦୟରେ ଅନୁଶାସନର ଭାବ ଉତ୍ପନ୍ନ କରିଥାଏ । ପୁଣି ସେମାନଙ୍କୁ ବିନୟୀ ମଧ୍ୟ କରିଥାଏ ତଥା ସାମୂହିକ ଅଂଶତିଆରି କରିବା ଶିଖାଇଥାଏ । ବ୍ରହ୍ମଚାରୀଙ୍କମଧ୍ୟରେ ସ୍ୱାବଲମ୍ବନର ଅତ୍ୟନ୍ତ ଆବଶ୍ୟକୀୟ ଭାବନାର ବିକାଶ କରିବା ନିମିତ୍ତ ଏହା ହେଉଛି ଗୁରୁକୁଳର ଏକ ଆବଶ୍ୟକୀୟ ନିୟମ । ବ୍ରହ୍ମଚାରୀ ନିଜ କାର୍ଯ୍ୟକୁ ଯେପରି- ବସ୍ତ୍ର ପ୍ରକ୍ଷାଳନ, ପାତ୍ରଶୋଧନ ତଥା ପରିବେଶ ସୋଧନର କାର୍ଯ୍ୟ ନିଜେ କରିଥାଏ । ତଦ୍ୱାରା ସେ କେବଳ ସ୍ୱାବଲମ୍ବୀ ଏବଂ ବ୍ୟବହାର କୁଶଳ ହୋଇଥାଏ । ପୁଣି ନିଜକୃତ ପରିଶ୍ରମର ମୂଲ୍ୟକୁ ଉପଲବ୍ଧି କରିଥାଏ ।